## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- କସମ୍ବର୍ଦ୍ଧନା ସଭା। ସ୍ଥାନ–ସାମନ୍ତରାୟ ଏକାଡେମୀ। ସମୟ–ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ। ସ୍ଥାନ–ଉତ୍କଳ ଆଶ୍ରମ ପାଠାଗାର। ସମୟ–ଅପରାହ୍ନ ୩ଟା ୪୫।

**ଭଞ୍ଜନଗର**
- ଶ୍ରୀଅରବିନ୍ଦ ଧ୍ୟାନ ମନ୍ଦିର ପ୍ରତିଷ୍ଠା ଉତ୍ସବ। ସମୟ– ମଧ୍ୟାହ୍ନ ୧୨ ଟା, ସ୍ଥାନ– ଶ୍ରୀଅରବିନ୍ଦ ଶକ୍ତି ପୀଠ।

## ସଂକ୍ଷେପରେ

### ସିଆରପିଙ୍କୁ ଏମ୍‌ବିକେ ଲାଞ୍ଚ ମାଗୁଥିବା ଅଭିଯୋଗ

ପାରଳାଖେମୁଣ୍ଡି,୧୬।୯ (ଗିରିଧାରୀ ପରିଛା)

ଗଜପତି ଜିଲା ରାୟଗଡ଼ ବିପିଏମ ଏବଂ ଏମ୍‌ବିକେ ଜଣେ ସିଆରପିଙ୍କୁ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଛି। ଶନିବାର ଏନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ସିଆରପି କର୍ମୀ । ପ୍ରକାଶ ଯେ, ରାୟଗଡ ବ୍ଲକ ଅନ୍ତର୍ଗତ ଜିରାଙ୍ଗ ପଞ୍ଚାୟତରେ ଓଡିଶା ଜୀବିକା ମିଶନରେ ସିଆରପି ଭାବେ ସଙ୍ଗୀତା ପ୍ରଧାନୀ କାର୍ଯ୍ୟରତ ଥିଲେ। ଯଦି ଟଙ୍କା ଦେବ ତେବେ ଡ୍ୟୁଟି କରିବ, ନ ହେଲେ ଆଉ ଡ୍ୟୁଟି କରିବ ନାହିଁ ବୋଲି ଏମବିକେ ରୋମାଙ୍ଗିନୀ କରାଡ ତାଙ୍କୁ କହିଥିବା ଅଭିଯୋଗ କରିଛନ୍ତି। ସିଆରପିରେ କାମ କରିବା ପୂର୍ବରୁ ତାଙ୍କୁ ୨୦ ହଜାର ଟଙ୍କା ମଗାଯାଇଥିଲା। ହେଲେ ସଂଗୀତା ୧୫ ହଜାର ଟଙ୍କା ଦେବାପାଇଁ ରାଜି ହୋଇଥିଲେ ଏବଂ ସେତେବେଳେ ୧୦ ହଜାର ଟଙ୍କା ଦେଇଥିଲେ । ଅବଶିଷ୍ଟ ୫ ହଜାର ଦରମା ପାଇବା ବେଳେ ଦେବେ ବୋଲି କଥା ହୋଇଥିଲେ। ହେଲେ କାର୍ଯ୍ୟ ଆରମ୍ଭ କରିବାର ଛଅ ମାସ ପର୍ଯ୍ୟନ୍ତ ଦରମା ମିଳି ନଥିଲା । ଛ'ମାସ ପରେ ଦରମା ବାବଦକୁ ମୋଟ ଅଠର ହଜାର ଟଙ୍କା ପାଇଥିଲେ। ଦରମା ଟଙ୍କା ପାଇବା ପରେ ସଂଗୀତାଙ୍କୁ ଏମବିକେ ହେମାଙ୍ଗିନୀ ପୂର୍ବ ୫ ହଜାର ଏବଂ ୬ ମାସର ଦରମା ମଧ୍ୟରୁ ୩ ମାସର ଦରମା ମାଗିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏଥିରେ ସଂଗୀତା ଅମଙ୍ଗ ହେବାରୁ ହେମାଙ୍ଗିନୀ କରାଡ ରେଜୁଲେସନ ବହି ଧରି ପଳେଇଥିବା କହିଛନ୍ତି। ଏହି ଲାଞ୍ଚ ଟଙ୍କାକୁ ହେମାଙ୍ଗିନୀ ରାୟଗଡ ବ୍ଲକ ବିପିଏମ ଲତିକା ଦେବୀଙ୍କୁ ଦିଆଯିବ ବୋଲି କହିଥିବା ସଂଗୀତା ଜଣାଇଛନ୍ତି। ଏ ସମ୍ପର୍କରେ ସେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ କହିଛନ୍ତି ଯେ, ସମସ୍ତ ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଔଷଧ ଦୋକାନରୁ ଚୋରି

ବ୍ରହ୍ମପୁର,୧୬।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆଁ ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ ନାରାୟଣ ହେଲଥ କେୟାରରେ ଲୁଟିଆ ଗ୍ୟାଙ୍ଗ ଶୁକ୍ରବାର ରାତିରେ କଳାକାନା ବୁଲାଇଛନ୍ତି। ଦୋକାନ ମାଲିକ ଶନିବାର ସକାଳେ ଦେଖି ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଦୋକାନରୁ ନଗଦ ଟଙ୍କା ସହ କିଛି ଔଷଧ ଚୋରି ହୋଇଥିବା ନେଇର୍ମଚାରୀମାନେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି।

# ଜୋର ଧରୁଛି ଛାତ୍ର ସଂସଦ ନିର୍ବାଚନ ଦାବି



ଏବିଭିପି ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ବିକ୍ଷୋଭ ପ୍ରଦର୍ଶନ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବ୍ରହ୍ମପୁର,୧୬।୯(ସ୍ମୃତି ରଞ୍ଜନ ମହାଲିକ୍)

ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହେବା ପରଠୁ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଆନ୍ଦୋଳନ ଜୋର ଧରିଛି। ଶନିବାର ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ) ମହାନଗର କମିଟି ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏବିଭିପି ପକ୍ଷରୁ କୁହାଯାଇଛି ଯେ, ଗଞ୍ଜାମ ଜିଲାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୬୮ ଅଧ୍ୟାପକ ପଦବୀ ଖାଲି ପଡିଛି। ସେହିପରି ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଏକ ନିର୍ଦ୍ଦିଷ୍ଟ ଦଳର ଛାତ୍ର ନେତା ତଥା କ୍ୟାମ୍ପସ କନଭେନର ମୁଖ୍ୟ ଅଭିଯୁକ୍ତ ହେବା ପରେ ରାଜ୍ୟ ସରକାର ଶୈକ୍ଷିକ ବାତାବରଣ କଥା ପଦାରେ ପଡ଼ିଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଏକାଡେମିକ କ୍ୟାଲେଣ୍ଡରରେ ଛାତ୍ର ସଂସଦ ନିର୍ବାଚନ ବିଷୟ ନାହିଁ। ଏଣୁ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା କରିବା ପାଇଁ ଏବିଭିପି ଦାବି କରିଛି। ଯଦି ଆଗାମୀ ଦିନରେ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ନ କରନ୍ତି ତେବେ ଏବିଭିପି ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦେଇଛି। ବିକ୍ଷୋଭରେ ଏବିଭିପି ଗଞ୍ଜାମ ବିଭାଗ ସଂଯୋଜକ ଅନୀଲ କୁମାର ସ୍ୱାଇଁ, ସୋସିଆଲ ମିଡ଼ିଆ ସଂଯୋଜକ ସୁନୀଲ କୁମାର ଦୋରା, ଜିଲା ସହ ସଂଯୋଜକ ଆୟୁଷ ରଥ, ରବୀନ୍ଦ୍ର ସ୍ୱାଇଁ, ପ୍ରିୟଙ୍କର ସ୍ୱାଇଁ, ଯୋଗେଶ୍ୱର ଗୌଡ଼, ରୁଜେତ ପାତ୍ର ସମେତ ଏବିଭିପିର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଗଞ୍ଜେଇ ଚାଲାଣ ମାମଲା
# ପ୍ରମାଣ ଅଭାବରୁ ମହିଳା ନିର୍ଦ୍ଦୋଷ

ବ୍ରହ୍ମପୁର,୧୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ –୧ ଡ଼. ଇନ୍ଦୁ ଶର୍ମା ଶନିବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଜଣେ ମହିଳା ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ମୋହନା ଥାନା ଅନ୍ତର୍ଗତ ମୁତୁମୁଡ଼ିଆ ଗ୍ରାମର ନମିତା ଦଳାଇ। ପ୍ରକାଶ ଯେ, ଅବକାରୀ ଗୁଇନ୍ଦା ବିଭାଗ ମାର୍ଚ୍ଚ ୨୧ ତାରିଖରେ ଜାତୀୟ ରାଜପଥ ଗଣପତି ଢ଼ାବା ନିକଟରେ ଜଣେ ମହିଳାଙ୍କୁ ସନ୍ଦେହରେ ଅଟକାଇ ସେ ଧରିଥିବା ବ୍ୟାଗ ଯାଞ୍ଚ କରିଥିଲେ। ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଅବକାରୀ ଟିମ ମହିଳାଙ୍କ ନିକଟରୁ ୧୦କେଜି ଗଞ୍ଜେଇ ଜବତ କରିଥିଲେ। ଅଭିଯୁକ୍ତ ଜଣଙ୍କ ଉକ୍ତ ଗଞ୍ଜେଇ ଗଜପତି ଜିଲାରୁ ଆଣି ଜାତୀୟ ରାଜପଥରେ ଜଣେ ମାଫିଆଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ଅବକାରୀ ଟିମ ତାଙ୍କୁ କାବୁ କରିଥିଲା। ପରେ ଅବକାରୀ ବିଭାଗ ନମିତା ଦଳାଇଙ୍କୁ ଗିରଫ କରି ମାମଲା ନମ୍ବର ୧୦୪୩/୨୨–୨୩ ରେ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ତଦନ୍ତକାରୀ ଅଧିକାରୀ ଚାର୍ଜସିଟ ଦାଖଲ କରିବା ପରେ ଅଭିଯୁକ୍ତ ନମିତାଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ରାୟ ପ୍ରକାଶ ବେଳେ ନମିତା ଦଳାଇ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିନଥିବାରୁ ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୃଦୁଲାଙ୍କ ପକ୍ଷରୁ ଆଇନଜୀବୀ ମହେନ୍ଦ୍ର କୁମାର ଶତପଥୀ ଓ ଅମିତ ରଞ୍ଜନ ପାଢ଼ୀ ମକଦ୍ଦମା ପରିଚାଳନା କରୁଥିଲେ।

# ଏନ୍‌ଏସ୍‌ଏସ୍ ପକ୍ଷରୁ ବେଳାଭୂମି ସ୍ୱଚ୍ଛତା ଦିବସ



ସଫେଇ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଓ ଅଧିକାରୀ।

ବ୍ରହ୍ମପୁର, ୧୬।୯ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସଏସ୍ ପକ୍ଷରୁ ଶନିବାର ଆନ୍ତର୍ଜାତୀୟ ବେଳାଭୂମି ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗୋପାଳପୁର ବେଳାଭୂମି ଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ଏହା ଅଧିନରେ ଥିବା ୧୨ ଟି ମହାବିଦ୍ୟାଳୟର ବହୁ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନେ ସାମୁହିକ ଭାବେ ଏହି ଦିବସ ପାଳନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ଏସଏସଏସ ଅଧିକାରୀ ଡ଼.ଜୟନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ସମେତ ଅନ୍ୟାନ୍ୟ ମହାବିଦ୍ୟାଳୟର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ମିଳିତ ଭାବେ ଗୋପାଳପୁର ବେଳାଭୂମି ସଫେଇ କରିଥିଲେ। ସ୍ୱେଚ୍ଛାସେବୀ ମାନେ ବେଳାଭୂମିରୁ ପ୍ଲାଷ୍ଟିକ, ପଲିଥିନ, କାଚ ବୋତଲ ସମେତ ଅନେକ ଆବର୍ଜନା ସଫେଇ କରିଥିଲେ। ମୁଖ୍ୟ ଅତିଥି କୁଳପତି ପ୍ରଫେସର ଦାସ ସ୍ୱେଚ୍ଛାସେବୀଙ୍କୁ ବେଳାଭୂମି ସଫେଇ ନିମନ୍ତେ ଉତ୍ସାହିତ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ଼.ସତିଶ ନାୟକ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଦାମ ଚରଣ ବିଶୋଇ, ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ଼. ଶକ୍ତିରଞ୍ଜନ ଦାସ, ଡ଼.ଇତିଶ୍ରୀ ଗୀତା କୁମାରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ, ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଗୋପାଳପୁର କଲେଜ, ପାରାଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ, ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ପ୍ରମୁଖ ଯୋଗଦେଇଥିଲେ।

## ରାସ୍ତା କଡ଼ରୁ ଉଦ୍ଧାର ଯୁବକଙ୍କ ମୃତ୍ୟୁ, ହତ୍ୟା ସନ୍ଦେହ

ବ୍ରହ୍ମପୁର,୧୬।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଟାଟାବେଞ୍ଚ ଛକ ରାସ୍ତା କଡ଼ରୁ ଉଦ୍ଧାର ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ମୁଣ୍ଡରେ ଲାଗିଥିବା ପ୍ରବଳ ଆଘାତରୁ ମୃତ ଘଟିଥିବା ମେଡିକାଲ ଲିଗାଲ କେସ (ଏମଏଲସି) ରିପୋର୍ଟରେ ଦର୍ଶାଯାଇଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ଆନୁମାନିକ ୩୦ ବର୍ଷ ହେବ ବୋଲି ପୋଲିସ କହିଛି। ଏ ନେଇ ମେଡିକାଲ ଫାଣ୍ଡିରେ ୫୭୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ କରିବା ପାଇଁ ପୋଲିସ ୪ଦିନ ପାଇଁ ମୃତଦେହ ସଂରକ୍ଷଣ ଗୃହରେ ସଂରକ୍ଷିତ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଟାଟାବେଞ୍ଚ ଛକ ରାସ୍ତା କଡରେ ଜଣେ ଯୁବକ ଅଚେତ ଅବସ୍ଥାରେ ପଡିଥିଲେ। ଖବର ପାଇ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ଗୁରୁତର ଥିବା ଯୁବକଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତ୍ର ୧୦ଟା ୩୦ରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଯୁବକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କେହି ତାଙ୍କୁ ଟାଟା ବେଞ୍ଚ ଛକରେ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ବିଭିନ୍ନ ଦିଗକୁ ଓ ଟାଟାବେଞ୍ଚରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି। ମୃତ ଯୁବକଙ୍କ ପରିଚୟ ଜଣାପଡିଲେ ତାଙ୍କ ମୃତ୍ୟୁର କାରଣ ଜଣାପଡିବ। ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ କରିବା ପାଇଁ ସମସ୍ତ ଥାନାକୁ ଏନେଇ ଖବର ଦିଆଯାଇଛି ବୋଲି ଫାଣ୍ଡିଧିକାରୀ ଭୈରବ କୁମାର ଭୂୟାଁ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ
**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

bmpselfie@gmail.com


@ ପ୍ରମୋଦିନୀ


@ ଈଶାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଯୌତୁକଜନିତ ହତ୍ୟା ମାମଲା
# ଅଭିଯୁକ୍ତ ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

ବ୍ରହ୍ମପୁର,୧୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଯୌତୁକ ଜନିତ ହତ୍ୟା ମାମଲାରେ ବଡ଼ ବଜାର ଥାନା ପୋଲିସ ମୃତ ମହିଳାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ବାରିଆବିଲ ସାହିରେ ରହୁଥିବା ମୃତ ମହିଳାଙ୍କ ସ୍ୱାମୀ ରବିନାରାୟଣ ବେହେରା(୩୨), ଶାଶୁ କାମିନି ବେହେରା(୫୫) ଓ ଶ୍ୱଶୁର ନରସିଂହ ବେହେରା(୬୫)। ମାମଲା ନମ୍ବର ୩୩୭/୨୩ ରେ ଗିରଫ ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁରର ଭଗବାନ ବେହେରାଙ୍କ ଝିଅ ଗୀତାଞ୍ଜଳିଙ୍କୁ ୨୦୧୫ରେ ବଡ଼ବଜାର ଥାନା ଅନ୍ତର୍ଗତ ବାରିଆବିଲ ସାହିର ରବିନାରାୟଣ ବିବାହ କରିଥିଲେ। ଅଧିକ ଯୌତୁକ ଦାବିକରି ଶାଶୂଘର ଲୋକେ ଗୀତାଞ୍ଜଳିଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏ ନେଇ ଗୀତାଞ୍ଜଳ ଅନେକ ଥର ତାଙ୍କ ବାପ ଘରେ ଜଣାଇଥିଲେ। ବାପ ଘର ଲୋକେ ଶାଶୁ ଘରକୁ ଆସି ନିଜର ସକ୍ଷମ ମୁତାବତ ଜିନିଷପତ୍ର ଓ ଅର୍ଥ ଦେଇ ଯାଉଥିଲେ। ହେଲେ ସେ ଯେଉଁ ଅର୍ଥ ଦେଉଥିଲେ ସେଥିରେ ଶାଶୁ ଘର ଲୋକଙ୍କ ମନ ପୁରୁ ନ ଥିଲା। ସେମାନେ ଅଧିକ ଯୌତୁକ ଦାବି କରୁଥିଲେ। ଶାଶୁ ଘରର ଦାବି ମୁତାବକ ସାମଗ୍ରୀ ଓ ଅର୍ଥ ଦେବାରେ ଗୀତାଞ୍ଜଳିଙ୍କ ବାପ ଘର ଲୋକେ ସମର୍ଥ ନଥିଲେ। ଶେଷରେ ଗୀତାଞ୍ଜଳିଙ୍କୁ ହତ୍ୟା କରିବା ପାଇଁ ସେମାନେ ଯୋଜନା କରିଥିଲେ। ଗତ ୧୩ ତାରିଖରେ ଗୀତାଞ୍ଜଳିଙ୍କୁ ତାଙ୍କ ସ୍ୱାମୀ ଓ ଶଶୁର ଘର ଲୋକ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଥିଲେ। ପୋଲିସ ମହିଳାଙ୍କ ମୃତଦେହ ଜବତ କରିଥିଲା। ବଡ଼ ବଜାର ଥାନା ପୋଲିସ ପ୍ରଥମେ ୩୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ଘଟଣା ତଦନ୍ତ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା ହୋଇଥିଲା। ଘଟଣାର ପାରିପାର୍ଶିକ ସୁରାକ , ପଞ୍ଚନାମା ବେଳେ ପୋଲିସକୁ ହସ୍ତଗତ ହୋଇଥିବା କେତେକ ତଥ୍ୟ ଓ ମୃତ ମହିଳାଙ୍କ ଭାଇ ବୈକୁଣ୍ଠ ବେହେରାଙ୍କ ରିପୋର୍ଟକୁ ଆଧାର କରି ଗୀତାଞ୍ଜଳିଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ପୋଲିସ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରିଥିଲା। ଯେଉଁ କାଠ ଫାଳିଆରେ ପିଟି ପିଟି ଗୀତାଞ୍ଜଳିଙ୍କୁ ହତ୍ୟା କରାଯାଇଥିଲା ପୋଲିସ ତାହାକୁ ଜବତ କରିଛି। ଏହାସହ ୩ ଅଭିଯୁକ୍ତଙ୍କୁ ହତ୍ୟା ମାମଲାରେ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି।


ଗଣେଶ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର। (ଫଟୋ– ସମୀର ରଥ)

## ନଦୀରେ ଭାସିଗଲେ ୨ ନାବାଳିକା, ଜଣେ ଉଦ୍ଧାର

କୋଟଗଡ଼,୧୬।୯ (ସରୋଜ ବଳିୟାରସିଂ)

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ଜୁଡ଼ାବାଲିଠାରେ ଥିବା ଶ୍ରଳିଗୁଡା ନଦୀରେ ଶନିବାର ଗାଧୋଇବାକୁ ଯାଇଥିବା ୨ ଜଣ ନାବାଳିକ ଭାସିଯାଇଥିଲେ। ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ନିଖୋଜ ନାବାଳିକ ଜଣକ ହେଲେ ଚାନ୍ଦିନୀ ମଲିକ(୧୪)। ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟାରେ ଜୁଡ଼ାବାଲିର ୬ଜଣ ନାବାଳିକା ଗାଧୋଇବା ପାଇଁ ଶ୍ରଳିଗୁଡା ନଦୀକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ନଦୀର ପ୍ରଖର ସ୍ରୋତରେ ଅଳନ୍ତି ଗାଉଁଟିଆ ଓ ଚାନ୍ଦିନୀ ଭାସିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଳନ୍ତି ଗାଉଁଟିଆ ଉଦ୍ଧାର ହୋଇଥିବା ବେଳେ ଚାନ୍ଦିନୀ ନିଖୋଜ ଅଛନ୍ତି। ଏ ନେଇ କୋଟଗଡ଼ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ କୋଜାଖୋଜି ଜାରି ରଖିଥିବା ଜଣାପଡିଛି। ଘଟଣାସ୍ଥଳରେ କୋଟଗଡ ଥାନା ଅଧିକାରୀ ପ୍ରଦୀପ କୁମାର ରାଉଳ, ତହସିଲଦାର ଦିବାକର ମଝି ଓ ବିଡିଓ ଅର୍ଜୁନ ପ୍ରଧାନ ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

# ଏସ୍‌ବିଆଇ ବ୍ୟାଙ୍କ ମିତ୍ର ସଂଘ ପକ୍ଷରୁ ଦାବିପତ୍ର

ବ୍ରହ୍ମପୁର,୧୬।୯(ସ୍ମୃତି ରଞ୍ଜନ ମହାଲିକ)



ସଂଘ ପକ୍ଷରୁ ଶୋଭାଯାତ୍ରା।

ଓଡିଶା ଏସବିଆଇ (ଭାରତୀୟ ଷ୍ଟେଟ ବ୍ୟାଙ୍କ) ବ୍ୟାଙ୍କ ମିତ୍ର ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ସମୂହକୁ ନେଇ ଶନିବାର ଏକ ଶୋଭାଯାତ୍ରା ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରୁ ବାହାରି ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଦୀର୍ଘ ବର୍ଷ ଧରି ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ରାଜ୍ୟର ପ୍ରତି ପଞ୍ଚାୟତରେ କାର୍ଯ୍ୟରତ ସିଏସ୍‌ପି (କଷ୍ଟମର ସର୍ଭିସ ପଏଣ୍ଟ) ମାନେ ପ୍ରତ୍ୟେକ ପଞ୍ଚାୟତରେ ଜନସାଧାରଣଙ୍କ ଜନଧନ ଖାତା ଖୋଲିବା, ସଂଚୟ ଶିଖାଇବା, ଟଙ୍କା ଜମା, ଉଠାଣ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ସୁରକ୍ଷା ବୀମା ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ଏ ବାବଦରେ ସିଏସ୍‌ପି କର୍ମଚାରୀମାନେ ପାଉଥିବା ଅର୍ଥରେ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ରାଜ୍ୟ ସରକାର ଏହି କର୍ମଚାରୀଙ୍କୁ ସହାୟତା କରିବା ପ୍ରତି ବଦଳରେ ସିଏସ୍‌ପି ପ୍ଲସ ଯୋଜନା ଆରମ୍ଭ କରିଛନ୍ତି। ଫଳରେ ରାଜ୍ୟରେ କାର୍ଯ୍ୟରତ ୪ ହଜାର ସିଏସପି କର୍ମଚାରୀ କାର୍ଯ୍ୟରୁ ବାଦ ପଡିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଣୁ ସିଏସପି ପ୍ଲସ ଯୋଜନାରେ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି।

# ଥାଇ ନ ଥିବା ପରି ରାସ୍ତା, ସମସ୍ୟା ଭୋଗୁଛନ୍ତି ଛାତ୍ରୀଛାତ୍ର

**ଶହୀଦ ଲକ୍ଷ୍ମଣ ନାୟକ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର**

ସୁନାବେଡ଼ା/ସେମିଳିଗୁଡ଼ା, ୧୬।୯ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ଭବିଷ୍ୟତର ପ୍ରଶାସନିକ ଅଧିକାରୀ ସୃଷ୍ଟି ଉଦ୍ଦେଶ୍ୟରେ ସେମିଳିଗୁଡ଼ାଠାରେ କିଛିଦିନ ପୂର୍ବରୁ ପ୍ରତିଷ୍ଠା ହୋଇଛି ଶହୀଦ ଲକ୍ଷ୍ମଣ ନାୟକ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର। କୋରାପୁଟ ଜିଲାର ଆଦିବାସୀ ଯୁବତୀଯୁବକମାନେ ଏଠାରେ ତାଲିମ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଶାସନିକ ସେବା ପରୀକ୍ଷାରେ ଯେପରି ଅଂଶଗ୍ରହଣ କରି ପ୍ରଶାସନିକ ଅଧିକାରୀ ହୋଇପାରିବେ ତାହା ହେଉଛି ଏହି କେନ୍ଦ୍ରର ଲକ୍ଷ୍ୟ। ମାତ୍ର ବିଡ଼ମ୍ବନାର ବିଷୟ ଯେଉଁ କେନ୍ଦ୍ର ଆଗାମୀ ଦିନରେ ପ୍ରଶାସନିକ ଅଧିକାରୀ ସୃଷ୍ଟି କରିବ ସେ କେନ୍ଦ୍ରକୁ ଯିବା ଆସିବା ପାଇଁ ଭଲ ରାସ୍ତା ନାହିଁ। ପ୍ରଥମ ବ୍ୟାଚ୍ ରୂପେ କେନ୍ଦ୍ରରେ ନାମ ଲେଖାଇଥିବା ୮୦ଜଣ ଛାତ୍ରୀଛାତ୍ର କେନ୍ଦ୍ରକୁ ଯିବା ଲାଗି ରାସ୍ତା ସାଜୁଛି ବାଧକ। ବର୍ଷା ଯୋଗୁ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ଓ ପାଠ ପଢ଼ାଉଥିବା ଶିକ୍ଷକମାନେ ସମସ୍ୟା ଭୋଗୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଏହି ପ୍ରଶିକ୍ଷଣ କେନ୍ଦ୍ରକୁ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ସୁନାବେଡ଼ା ପୌର ଅଧକ୍ଷ ରାଜେନ୍ଦ୍ର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ସେହି ରାସ୍ତା ଅବସ୍ଥା ପ୍ରତି ଅବଗତ ଅଛନ୍ତି। ନୂତନ ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଅଳ୍ପଦିନ ମଧ୍ୟରେ ରାସ୍ତା ନିର୍ମାଣ କରାଯିବ ବୋଲି ନାୟକ କହିଥିଲେ।



ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ରକୁ ରହିଥିବା ରାସ୍ତା ଅବସ୍ଥା।

## ସଂକ୍ଷେପରେ

### ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

ଦଶମନ୍ତପୁର,୧୬।୯( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ସାଇରାମ କଲ୍ୟାଣୀ ମଣ୍ଡପଠାରେ ଶନିବାର ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳା ଓ ସାଂସ୍କୃତିକ ସଂଘ ଉପ ସଭାପତି କୁମର ଜାନିଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଙ୍ଗି ,ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କୁଆଁର, କନିଷ୍ଠ ସହାୟକ ଗୌତମ ଖସଲା, ଓଏଲ୍ଏମ୍ ବଟକୃଷ୍ଣ ସ୍ୱାଇଁ, କଳା ଓ ସାଂସ୍କୃତିକ ସଂଘର ରିସର୍ଚ୍ଚ ପରର୍ସନ ଟୁନା ଖାଡ଼ଙ୍ଗା, ଶିକ୍ଷକ ଚଳଗଙ୍ଗ ବିଶୋୟୀ ଯୋଗ ଦେଇଥିଲେ। ସରକାରଙ୍କ ମୁଖ୍ୟ ୧୦ଟି ଯୋଜନା ବିଜୁ ସ୍ୱାସ୍ଥ୍ୟ ଯୋଜନା, ମଧୁବାବୁ ପେନ୍ସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ, ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡ଼ା ଏବଂ ୫-ଟି ହାଇସ୍କୁଲ ରୂପାନ୍ତରୀକରଣ ଭଳି କାର୍ଯ୍ୟଗୁଡ଼ିକର ସୁଫଳ ବ୍ଲକର ସବୁ ପଞ୍ଚାୟତର ଗ୍ରାମାଞ୍ଚଳରେ ପହଞ୍ଚିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ପ୍ରତ୍ୟେକ ଗ୍ରାମାଞ୍ଚଳରେ ଢେମସା, କାଠିନାଚ, ରିଂଯୋଡି, ଲୋରି ଭଳି ନାଟକ ମାଧ୍ୟମରେ ବ୍ଲକ କଳା ଓ ସାଂସ୍କୃତିକ ସଂଘ ପକ୍ଷରୁ ପ୍ରତ୍ୟେକ ଯୋଜନା ସମ୍ପର୍କରେ ସଚେତନ କରାଇବା ଏହାର ଉଦ୍ଦେଶ୍ୟ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁଆଁର କହିଛନ୍ତି।

### ଦେଶୀ ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୧୬।୯ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ଜଣକୁ ଗିରଫ କରିଛି । ସେ ହେଲେ ମୁଣ୍ଡିଗୁଡା ଗ୍ରାମର ରଘୁରାମ ପରଜା (୩୨) । ରଘୁରାମ ଏକ ବାଇକ୍‌ରେ ଦେଶୀ ମଦ ଜୟପୁର ସହରକୁ ଚାଲଣ କରୁଥିବା ବେଳେ ସୂଚନା ପାଇ ପୋଲିସ ବାରିଣିପୁଟଠାରେ ଚଢାଉ କରି ତାଙ୍କୁ ଧରିଥିଲା। ତାଙ୍କ ନିକଟରୁ ୧୫ ଲିଟର ଦେଶୀ ମଦ ଓ ବାଇକ୍ ଜବତ ହୋଇଛି। ଗିରଫ ପରେ ରଘୁରାମଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ଗୋଷ୍ଠୀ ସଂଘର୍ଷ ମାମଲାରେ ଜଣେ ଗିରଫ

ଜୟପୁର, ୧୬।୯ (ପବନ ପାଣିଗ୍ରାହୀ)

ଏକ ଗୋଷ୍ଠୀ ସଂଘର୍ଷ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଶନିବାର ସଦର ପୋଲିସ ଗିରଫ କରିଛି। ସେ ହେଲେ ଚଢେଇଗୁଡା ଗ୍ରାମର ବିଷ୍ଣୁ ମୁଦୁଲି । ଗତ ୧୯।୪।୨୩ ରେ ଏକ ଗୋଷ୍ଠୀ ସଂଘର୍ଷ ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ବିଷ୍ଣୁଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ଇଂଲିଶ ପୁସ୍ତକ 'ଦି ଲାଷ୍ଟ ହେରୋସ' ଲୋକାର୍ପିତ

ଜୟପୁର,୧୬।୯ (ପବନ ପାଣିଗ୍ରାହୀ)

ଭାରତର ଖ୍ୟାତନାମା ଖବରଦାତା ତଥା ମର୍ଯ୍ୟାଦାସମ୍ପନ୍ନ ରମଣ ମାଗାସେସେ ପୁରସ୍କାର ବିଜେତା ପାଲାଗୁମି ସାଇନାଥ ଶନିବାର ଜୟପୁର ବକ୍ସିସାହିସ୍ଥିତ ଅନ୍ନପୂର୍ଣ୍ଣା ଭବନଠାରେ ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ତାଙ୍କ ରଚିତ ଇଂଲିଶ ପୁସ୍ତକ 'ଦି ଲାଷ୍ଟ ହେରୋସ'କୁ ଲୋକାର୍ପିତ କରି ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗକୁ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ସେ ଜୟପୁରର ସଂଗ୍ରାମୀ ସ୍ୱର୍ଗତ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ପୁଅ ସୁରେନ୍ଦ୍ର ପଣ୍ଡା ଓ ନବରଙ୍ଗପୁରର ସଂଗ୍ରାମୀ ସ୍ୱର୍ଗତ ମହମ୍ମଦ ବାଜିଙ୍କ ପୁତୁରା ସିରାଜ ମହମ୍ମଦଙ୍କୁ ତାଙ୍କ ପୁସ୍ତକ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଓ କୋରାପୁଟର ଅବଦାନ ଅତୁଳନୀୟ। ସଂଗ୍ରାମୀଙ୍କୁ ଆଗାମୀ ପିଢ଼ି ଭୁଲିଯିବା ପୂର୍ବରୁ ସେମାନଙ୍କ ବଳିଦାନକୁ ମନେପକାଇବା ସେମାନଙ୍କ ପ୍ରତି ଯଥାର୍ଥ ସମ୍ମାନ ହେବ। ଏହି ଅବସରରେ ସେ କହିଛନ୍ତି, ଆଜି ମଧ୍ୟ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସଂଗ୍ରାମୀର ଆଖ୍ୟା ମିଳିନାହିଁ। ହାତଗଣତି କେତେଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆମ ସରକାର ସ୍ୱୀକୃତି ଦେଇଛନ୍ତି। ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଭୁଲି ଯାଇଛନ୍ତି। ଆଜିର ଯୁବପିଢ଼ିଙ୍କୁ ଦେଶରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ୱୀକୃତି ମିଳି ନ ଥିବାରୁ ସେମାନଙ୍କ ସମ୍ପର୍କରେ ଯୁବପିଢ଼ିଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ସେ ଏହି ପୁସ୍ତକ ରଚନା କରିଛନ୍ତି ବୋଲି ସାଇନାଥ କହିଛନ୍ତି। ପୁସ୍ତକରେ ସେ ଓଡ଼ିଶା ସମେତ ଅନେକ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ପର୍କରେ ଆଲୋକପାତ କରିଛନ୍ତି। ଓଡ଼ିଶାର ଶେଷ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜି, ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ବିଷୟରେ ଉଲ୍ଲେଖ ରହିଛି। ଏହି ଅବସରରେ ବରିଷ୍ଠ ଖବରଦାତା ପୁରୁଷୋତ୍ତମ ସିଂହ ଠାକୁର, ପରେଶ ରଥ ଉପସ୍ଥିତ ଥିଲେ।

# ଉପୁଡ଼ିଲା ୨୦୦ ବର୍ଷର ବୃକ୍ଷ


ଉପୁଡ଼ିପଡିଥିବା ଗଛକୁ ଅଗ୍ନିଶମ କର୍ମଚାରୀମାନେ କାଟି ସଫା କରୁଛନ୍ତି।

ଦଶମନ୍ତପୁର,୧୬।୯( ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତର ଗୁଲିମୁସା ଗ୍ରାମରେ ଥିବା ୨୦୦ ବର୍ଷର ଓସ୍ତ ବୃକ୍ଷ ଶନିବାର ଉପୁଡ଼ି ପଡି ନିକଟରେ ଥିବା ନବୀନ ପ୍ରଧାନୀଙ୍କ ଘର ଉପରେ ପଡିଛି। ତେବେ ଘରେ କେହି ନ ଥିବାରୁ ନବୀନଙ୍କ ପରିବାର ଏକ ବଡ ବିପଦରୁ ରକ୍ଷା ପାଇଯାଇଛନ୍ତି। ଝଡବର୍ଷାକୁ ଦୃଷ୍ଟିରେ ରଖି ଗ୍ରାମର ଶଙ୍କର ନାୟକ ମୋତେ ଓ ଗ୍ରାମବାସୀଙ୍କୁ ୨ଶହ ବର୍ଷର ଏହି ପୁରୁଣା ଗଛଟି କାଳେ ଉପୁଡିପଡିବ ବୋଲି ଆଶଙ୍କା କରି କହିଥିଲେ। ତାଙ୍କ କଥାକୁ ଗୁରୁତ୍ୱ ଦେଇ ନବୀନ ସ୍ତ୍ରୀ ଶଶୀ ଏବଂ ତାଙ୍କ ଦୁଇ ଝିଅପୁଅଙ୍କୁ ଧରି ଗ୍ରାମର ଅନ୍ୟ ଜଣଙ୍କ ଘରେ ଆଶ୍ରୟ ନେଇଥିଲେ। ଶୁକ୍ରବାର ରାତିରେ ଏହି ଗଛଟି ଉପୁଡିପଡି ନବୀନଙ୍କ ଘର ଉପରେ ପଡିଥିଲା। ତେବେ ଘରେ କେହି ନ ଥିବାରୁ ସମସ୍ତେ ବିପଦରୁ ବର୍ତ୍ତିଯାଇଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ଅଗ୍ନିଶମ ବାହିନୀର ଜଗବନ୍ଧୁ ସାହୁ, ପ୍ରଦ୍ୟୁମ୍ନ ଶବରଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ଶନିବାର ପହଞ୍ଚି ଘର ଉପରେ ଉପୁଡି ପଡିଥିବା ଗଛକୁ କାଟି ସଫା କରିଥିଲେ।

# ଧାରଣା ସ୍ଥଳରେ ପହଞ୍ଚିଲେ ଭାଜପା ରାଜ୍ୟ ସଭାପତି, କୋରାପୁଟ ବିଧାୟକ

**୩ ଦଫା ଦାବି ନେଇ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକ**

କୋରାପୁଟ,୧୬।୯(ଅମିତାଭ ବେହେରା)

ରାଜ୍ୟ ଏବଂ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଡାକରାରେ କୋରାପୁଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମୂହ ଛୁଟିରେ ରହି ୩ ଦଫା ଦାବି ପୂରଣ ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ ଦାବିକୁ ସମର୍ଥନ ଜଣାଇ କୋରାପୁଟ ଗସ୍ତରେ ଥିବା ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଧାରଣା ସ୍ଥଳକୁ ଆସି ଶିକ୍ଷକମାନଙ୍କ ସହ ଧାରଣାରେ ବସିଥିଲେ । ସେହିପରି ବିଧାୟକ ରଘୁରାମ ପଡାଲ ମଧ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଭେଟି ଆଲୋଚନା କରିଥିଲେ।

ଏହି ଅବସରରେ ଭାଜପା ସଭାପତି ସାମଲ ରାଜ୍ୟ ସରକାର ଶିକ୍ଷକଙ୍କ ଯଥାର୍ଥ ଦାବିକୁ ପୂରଣ ନ କରି ୭ ବର୍ଷ ଧରି ସେମାନଙ୍କୁ ଭୁଲାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଆସନ୍ତା ୨୦୨୪ ସାଧାରଣରେ ନିର୍ବାଚନରେ ରାଜ୍ୟରେ ଭାଜପା ସରକାର ଆସିଲେ ୩ ମାସ ମଧ୍ୟରେ ଶିକ୍ଷକମାନଙ୍କ ଏହି ଦାବିକୁ ପୂରଣ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ଜିଲା ସଂଘ ସଭାପତି ରାଜେନ୍ଦ୍ର ସାହୁ, ବ୍ଲକ ସଭାପତି ବସନ୍ତ ଲେଙ୍କାଙ୍କ ସହିତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ଦାବି ଉପସ୍ଥାପନା କରିଥିଲେ । ରାଜ୍ୟ ଭାଜପା ସମ୍ପାଦିକା ପୂର୍ଣ୍ଣିମା ନାୟକ, କାଳିରାମ ମାଝି, ବଳଭଦ୍ର ମାଝି , ଭାଗୀରଥି ପାଟନିଆ, ବିଜୟ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଧାରଣାର ୮ ଦିନ ପରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ଧାରଣାସ୍ଥଳକୁ ଆସି ଶିକ୍ଷକମାନଙ୍କ ଦାବିକୁ ସମର୍ଥନ ଜଣାଇ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ପାଇଁ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା ଜାରି ରଖିଥିବା ପ୍ରକାଶ କରିଥିଲେ।


ଧାରଣାରତ ଶିକ୍ଷକମାନଙ୍କୁ ବିଧାୟକ ରଘୁରାମ ପଡାଲ ଭେଟି ଆଲୋଚନା କରୁଛନ୍ତି ।

# ବିଶ୍ୱକର୍ମାଙ୍କ ପୂଜା ପାଇଁ ଚଳଚଞ୍ଚଳ ଦାମନଯୋଡି

ଦାମନଯୋଡି,୧୬।୯(ରାଧାକାନ୍ତ ବ୍ରହ୍ମା)

ଦାମନଯୋଡିର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୁସଜ୍ଜିତ ତୋରଣ, ଆଲୋକ ସଜ୍ଜା, ମୃଣ୍ମୟ ମୂର୍ତ୍ତି ଓ ପାର୍ଶ୍ୱ ସାଜସଜ୍ଜା ଏବଂ ପୂଜା ନୀତି ଧାର୍ଯ୍ୟ ସରିଛି। ସେକ୍ଟର-୩ ସ୍ଥିତ ବିଶ୍ୱକର୍ମାଙ୍କ ମନ୍ଦିରରେ ଦେବଶିଳ୍ପୀଙ୍କ ପୂଜା ପାଇଁ ସତନ୍ତ୍ର ବ୍ୟବସ୍ଥା ହୋଇଛି। ସେକ୍ଟର-୧ ପଡ଼ିଆରେ ନାଲ୍‌କୋର ଏସ୍‌ପିପି, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଅପରେଶନ ବିଭାଗ ପକ୍ଷରୁ ପୃଥକ ପୃଥକ ପୂଜା ମଣ୍ଡପ ସ୍ଥାପିତ ହୋଇଛି। ସେହିପରି ସେକ୍ଟର-୨ ସିଭିଲ ମେଣ୍ଟେନାନ୍ସ ଓ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ପକ୍ଷରୁ ପୃଥକ ମଣ୍ଡପରେ ବିଶକର୍ମାଙ୍କ ପୂଜା ହେବ। ଭାରତୀୟ ମଜଦୂର ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟଠାରେ ମଧ୍ୟ ଦେବଶିଳ୍ପୀଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନାଲକୋ ପଞ୍ଚପଟମାଳୀ ବକ୍ସାଇଟ ଖଣି ଓ ପ୍ଲାଣ୍ଟର ବିଭିନ୍ନ ସ୍ଥାନରେ ପୂଜା ଆୟୋଜନ ଚାଲିଛି। ସେହିପରି ବିଭିନ୍ନ ଠିକା ସଂସ୍ଥା, ବ୍ୟବସାୟ ପ୍ରତିଷ୍ଠାନ ଓ ସଙ୍ଗଠନ ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ସାଜସଜ୍ଜା ଚାଲିଛି।

### ଫେରାର ୩ ଅଭିଯୁକ୍ତ ଗିରଫ

ଜୟପୁର, ୧୬।୯ (ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ଫେରାର ୩ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ଖୁଡୁପି ଗ୍ରାମର ମହାଦେବ ହରିଜନ, ହିରାମଣୀ ହରିଜନ ଓ ଶିବାନୀ ହରିଜନ । ପୋଲିସ ସୂଚନା ଅନୁଯାୟୀ ଖୁଡୁପିର ଏହି୩ଜଣଙ୍କ ନାମରେ ସଦର ଥାନାରେ ୨୦୧୭ରୁ ଯୌତୁକ ନିର୍ଯାତନା ମାମଲା ଥିଲା। ସେବେଠାରୁ ସେମାନେ ଫେରାର ଥିଲେ। ଶନିବାର ଏହି ୩ ଅଭିଯୁକ୍ତ ଖୁଡୁପି ଗ୍ରାମରେ ଥିବା ସୂଚନା ପାଇ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଦିବସ

କୋରାପୁଟ,୧୬।୯(ଅମିତାଭ ବେହେରା)

ଭାଷା ଏବଂ ସମାଜ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ଶିକ୍ଷା ସମାଜର ମୂଳଦୁଆ ଭାବରେ କାର୍ଯ୍ୟକରେ ଏବଂ ଭାଷା ହେଉଛି ଏହାର ଅମୂଲ୍ୟ ସମ୍ପତ୍ତି। ଏହି ସାମାଜିକ ସମ୍ପତ୍ତିକୁ ବୃଦ୍ଧି କରିବା ଦିଗରେ ଆମକୁ ମାର୍ଗଦର୍ଶନ କରିବାରେ ଜାତୀୟ ଶିକ୍ଷାନୀତି ୨୦୨୦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ହିନ୍ଦୀ ଦିବସ-୨୦୨୩ ପାଳନ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ପ୍ରଫେସର ତ୍ରିପାଠୀ ଆଞ୍ଚଳିକ ସ୍ତରରେ ହିନ୍ଦୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରି ଡିପ୍ଲୋମା ଏବଂ ଡିଗ୍ରୀ ପ୍ରୋଗ୍ରାମ ପାଇଁ ବିଶ୍ୱବିଦ୍ୟାଳୟ ହିନ୍ଦୀ ଭାଷାରେ ଏକ ସାର୍ଟିଫିକେଟ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ଅଞ୍ଚଳର ଲୋକଙ୍କ ଘରେ ପହଞ୍ଚି ସେମାନଙ୍କୁ ହିନ୍ଦୀରେ ଶିକ୍ଷିତ ଓ ସ୍ନାତକ କରିବାକୁ ବିଶ୍ୱବିଦ୍ୟାଳୟ ପ୍ରତିବଦ୍ଧ ବୋଲି ସେ କହିଥିଲେ। ହିନ୍ଦୀ ଦିବସ ଅବସରରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରଫେସର ଡ. ଏନ୍.ସି. ପଣ୍ଡା, ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ମେଶ୍ରମ, ପ୍ରଫେସର ଡ. ନିର୍ଝରିଣୀ ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଫେସର ପଣ୍ଡା ହିନ୍ଦୀ ଭାଷା ଶିକ୍ଷାର ବିଶ୍ୱସ୍ତରୀୟ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ବିଶ୍ୱର ପ୍ରାୟ ୩୮ଟି ଦେଶରେ ହିନ୍ଦୀ ଶିକ୍ଷା ପାଇଁ ହିନ୍ଦୀ ବିଭାଗ ଅଛି। ଏହା ଏହି ଦେଶଗୁଡ଼ିକର ଲୋକଙ୍କୁ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରସାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଡ. ମେଶ୍ରମ ହିନ୍ଦୀ ଭାଷାର ଐତିହାସିକ ଯାତ୍ରା ସମ୍ପର୍କରେ ମତ ରଖିଥିଲେ। ହିନ୍ଦୀ ବିଭାଗ ଆସୋସିଏଟ୍ ପ୍ରଫେସର ଡ. ଚକ୍ରଧର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରୁଦ୍ରାଣୀ ମହାନ୍ତି, ଡ. ସୌରଭ ଗୁପ୍ତା, ଡ. ଶ୍ରୀନିବାସ ବି କୋଟନାକ୍, ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ଭାରପ୍ରାପ୍ତ ସହକାରୀ କୁଳସଚିବ ପ୍ରଦୀପ ସାମନ୍ତରାୟ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଡିନ୍, ପ୍ରଫେସର ଶରତ ପଳିତା, ଆସୋସିଏଟ୍ ପ୍ରଫେସର ଡ. କପିଳ ଖେମୁଣ୍ଡୁ, ସହକାରୀ ପ୍ରଫେସର ଡ. ଆଲୋକ ବରାଳଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ହାଇସ୍କୁଲ ଶିକ୍ଷକଙ୍କୁ ଶିକ୍ଷାଦାନ ଦାୟିତ୍ୱ ନେଇ ମସୁଧା

**ଶିକ୍ଷକଙ୍କ ଧାରଣା ଯୋଗୁ ବିକଳ୍ପ ଚିନ୍ତାରେ ଶିକ୍ଷା ବିଭାଗ**

ନନ୍ଦପୁର, ୧୬।୯ (ଶଙ୍କର ପୂଜାରୀ)

ନବମ ଦିନରେ ପହଞ୍ଚିଛି ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ଆନ୍ଦୋଳନ। ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ଠପ ହୋଇଛି। ମଧ୍ୟାହ୍ନ ଭୋଜନ ରୋଷେଇ ମଧ୍ୟ ବନ୍ଦ ରହିଛି। ଏହା ବ୍ଲକ, ଜିଲା ଓ ରାଜ୍ୟ ଶିକ୍ଷାବିଭାଗର ଚିନ୍ତା ବଢ଼ାଇ ଦେଇଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ଜିଦରେ ଅଟଳ ଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିକଳ୍ପ ବ୍ୟବସ୍ଥା ଚିନ୍ତା କରାଯାଉଛି। କିଛି ଜିଲାରେ ଅଙ୍ଗନୱାଡି କର୍ମୀଙ୍କୁ ନିଜ ଅଞ୍ଚଳରେ ଥିବା ବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱ ନେଇ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଦେବାକୁ ନିର୍ଦ୍ଦେଶ ହୋଇଛି। ଶିକ୍ଷାଦାନ ପାଇଁ ଅଞ୍ଚଳରେ ଥିବା ଡିଆଇଇଟି ଭଳି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷଣ ନେଉଥିବା ଶିକ୍ଷୟିତ୍ରୀ ଶିକ୍ଷକ, ବ୍ଲକ ସ୍ତରରେ ଥିବା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କୁ ନିକଟସ୍ଥ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଥିବା ଜଣାପଡ଼ିଛି। କୋରାପୁଟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୮୬୦୭, ୧୫।୯।୨୩ ପ୍ରକାରେ ଅଧକ୍ଷ ଡିଆଇଇଟି ଜୟପୁର, ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପତ୍ରଲେଖି ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ମାତ୍ର ଉଚ୍ଚ ବିଦ୍ୟାଳୟଗୁଡ଼ିକର ଶିକ୍ଷୟିତ୍ରୀଶିକ୍ଷକଙ୍କ ସଂଖ୍ୟାଠାରୁ ବନ୍ଦ ପଡିଥିବା ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା ଅଧିକ ଥିବାରୁ ବିଭାଗର ଏତାଦୃଶ ବିକଳ୍ପ ଫେଲ ମାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ନନ୍ଦପୁର ବ୍ଲକରେ ୧୬୬ଟି ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଧାରଣା ଯୋଗୁ ବନ୍ଦ ରହିଛି। ବ୍ଲକରେ ଥିବା ୨୩୦ ଅଙ୍ଗନୱାଡି କର୍ମୀ ନିଜ କେନ୍ଦ୍ର ସମେତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ଓ ପୂର୍ବରୁ ଶିକ୍ଷକ ଶିକ୍ଷୟତ୍ରୀ ଅଭାବିରେ ଥିବା ୨୧ ଉଚ୍ଚ ବିଦ୍ୟାଳୟ ଗୁଡ଼ିକ କେତେଦୂର ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର କାର୍ଯ୍ୟକାରିତାରେ ସହଯୋଗ ଦେଇ ପାରିବେ ତାହା ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଗ୍ରାମାଞ୍ଚଳରେ ଶିକ୍ଷାଦାନ ଠପ୍

**ଆନ୍ଦୋଳନରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଶିକ୍ଷକ**

ପଟ୍ଟାଙ୍ଗି,୧୬।୯(ଶରତ ଧଳ)

ରାଜ୍ୟ ସ୍ତରରୁ ଆରମ୍ଭ କରି ବ୍ଲକ ସ୍ତର ପର୍ଯ୍ୟନ୍ତ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷକ ୩ ଦଫା ଦାବି ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ସହରାଞ୍ଚଳରୁ ଆରମ୍ଭ ଗ୍ରାମାଞ୍ଚଳ ଯାଏ ଶିକ୍ଷାଦାନ ଠପ ହୋଇଯାଇଛି। ଏଥିପ୍ରତି ସରକାରଙ୍କ ତତ୍ପରତା ଦେଖିବାକୁ ମିଳୁନାହିଁ। ଅନ୍ୟପକ୍ଷରେ ଏହି ଶିକ୍ଷକ ଆନ୍ଦୋଳନକୁ କଂଗ୍ରେସ ଓ ଭାଜପା ସମର୍ଥନ ଦେଉଥିବାରୁ ଏହା ଅଧିକ ସୁଦୃଢ ହେଉଥିବା ଜଣାପଡିଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ଉତ୍କଳ ପ୍ରାଇମେରୀ ଶିକ୍ଷକ ଫେଡେରେସନ ଆହ୍ୱାନରେ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଦିଲ୍ଲୀପ ଟାକ୍ରିଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୨୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ତିନି ଦଫା ଦାବି ନେଇ ଧାରଣା ଦେଇଛନ୍ତି। ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ ମୂଳ ବେତନ ଲେଭେନ ୦୯ ଗ୍ରେଡ ପେ ଅନୁଯାୟୀ ଦେବା, ନୂତନ ପେନସନ ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା, ସରକାର ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ଆଦି ଦାବି ଶିକ୍ଷକମାନେ ଆନ୍ଦୋଳନକୁ ଜୋରଦାର କରିଛନ୍ତି।


ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

# ଶହୀଦ ଯୀଶୁଦାନଙ୍କ ଜନ୍ମସ୍ଥାନରୁ ମାଟି ସଂଗ୍ରହ

**କୋରାପୁଟରେ ମୋ ମାଟି ମୋ ଦେଶ ଅଭିଯାନ**

କୋରାପୁଟ,୧୬।୯(ଅମିତାଭ ବେହେରା)

କୋରାପୁଟରେ ମୋ ମାଟି ମୋ ଦେଶ ଅଭିଯାନରେ ଭାରତ-ପାକିସ୍ତାନ ଯୁଦ୍ଧରେ ଶହୀଦ ହୋଇଥିବା ଓଡ଼ିଶାର ଏକମାତ୍ର ଶହୀଦ ଯୀଶୁଦାନ ଖୋସ୍‌ଲାଙ୍କ ଜନ୍ମମାଟି କୋରାପୁଟରୁ ଶନିବାର ଭାଜପା ପକ୍ଷରୁ ମାଟି ସଂଗ୍ରହ ହୋଇଛି। କୋରାପୁଟସ୍ଥିତ ଶହୀଦ ଯୀଶୁଦାନ ପାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇ ପ୍ରଥମେ ଯୀଶୁଦାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସେ ସେଠାରେ ଉପସ୍ଥିତ ଜନସାଧାରଣଙ୍କୁ ଦେଶର ସୁରକ୍ଷା ପାଇଁ ଶପଥ କରାଇଥିଲେ । ପରେ ସେଠାରେ ଉପସ୍ଥିତ ଶହୀଦଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ସଂଗୃହୀତ ମାଟିକୁ ଏକ ପିତଳ ପାତ୍ରରେ ରଖାଯାଇଥିଲା । ଏହି ପିତଳ ପାତ୍ରକୁ ଯୀଶୁଦାନଙ୍କ ଭାଇ ସାମଲଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଳଭଦ୍ର ମାଝି, କାଳିରାମ ମାଝି, ପୂର୍ଣ୍ଣିମା ନାୟକ, ଭାଗୀରଥି ପାଟନିଆ, ବିଜୟ ମିଶ୍ର, ଜି.ସଞ୍ଜୀବ ରାଓଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।



ଶହୀଦ ଯୀଶୁଦାନ ଖୋସ୍‌ଲାଙ୍କ ଜନ୍ମମାଟିରୁ ଭାଜପା ପକ୍ଷରୁ ମାଟି ସଂଗ୍ରହ କରାଯାଉଛି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମତିଥି ପାଳିତ

ଦାରିଙ୍ଗବାଡ଼ି (ଅରୁଣ ସାହୁ): ଦାରିଙ୍ଗବାଡ଼ି ସତ୍‌ସଙ୍ଗ କେନ୍ଦ୍ରଠାରେ ଶନିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମତିଥି ପାଳିତ ହୋଇଯାଇଛି। ଠାକୁର ୧୮୮୮ ସେପ୍ଟେମ୍ବରରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କ ଜନ୍ମଦିନକୁ ଏହି ମାସରେ ପାଳନ କରାଯାଉଥିବା ଶ୍ରଦ୍ଧାଳୁ ତଥା ତତ୍କାଳ ବରିଷ୍ଠ ଶିକ୍ଷକ ନବକୃଷ୍ଣ ମହାରଣା କହିଛନ୍ତି। ଏହି ଅବସରରେ ନିର୍ଦ୍ଧାରିତ ସମୟରେ ଜନ୍ମ ଘୋଷଣା କରାଯିବା ସହ ସାମୂହିକ ପ୍ରାର୍ଥନା, ଭଜନ କୀର୍ତ୍ତନ, ପୂଜାପାଠ କରାଯାଇଥିଲା। ଉକ୍ତ ବ୍ଲକର ପଚିଶ ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରଞ୍ଜୁ ବଳିୟାରସିଂ, ପତିତପାବନ ରାଉତ, ଶ୍ୟାମସୁନ୍ଦର ଦିଗାଲ, ମୀନାରାଣୀ ସାହୁ, ନିରୁପମା ରାଉତଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଲୁହା ତାରରେ ନଦୀ ପାରକଲେ ମୃତଦେହ

କ.ନୂଆଗାଁ, ୧୬।୯(କାଳି ପ୍ରସାଦ ତ୍ରିପାଠୀ)

ପୋଲ ନ ଥିବାରୁ କ.ନୂଆଗାଁ ବ୍ଲକ ବଗାଡ଼ି ଗ୍ରାମରେ ଲୁହାତାର ଓ ପ୍ଲାଷ୍ଟିକ ଦଉଡ଼ି ସାହାଯ୍ୟରେ ମୃତଦେହକୁ ପରିବାର ଲୋକେ ନଦୀପାର କରିଛନ୍ତି। ବଗାଡ଼ି ଗ୍ରାମର ପଦ୍ମାବତୀ ପ୍ରଧାନ (୬୭) ଶୁକ୍ରବାର ଅପରାହ୍ନରେ ମୃତ୍ୟୁବରଣ କରିଥିଲେ। ଘରୁ ଶ୍ମଶାନକୁ ନେବା ରାସ୍ତାରେ କାଳିପେନୁ ନଦୀ ପଡ଼େ। ନଦୀରେ ଅଧିକ ପାଣିଥିବାରୁ ପରିବାର ଲୋକେ ମୃତଦେହକୁ ସଂସ୍କାର ପାଇଁ ନେଇପାରି ନଥିଲେ। ଶନିବାର ପାଣି କମିବାରୁ ଲୁହାତାର ଓ ଦଉଡ଼ି ସାହାଯ୍ୟରେ ମୃତଦେହକୁ ନଦୀପାର କରିଥିଲେ। ପ୍ରକାଶ ଯେ, ଏହି ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଜିଲା ପ୍ରଶାସନ ଓ ବିଧାୟକଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଏଭଳି ଭାବେ ମୃତଦେହକୁ ନଦୀପାର କରାଯାଇଥିଲା।

### ବସଷ୍ଟାଣ୍ଡ ପରିସରରେ ଦମ୍ପତିଙ୍କଠାରୁ ଲୁଟ୍‌

ହିଞ୍ଜିଳିକାଟୁ,୧୬।୯(ଦ୍ୱିତୀକୃଷ୍ଣ ପଣ୍ଡା)- ହିଞ୍ଜିଳିକାଟୁ ବସଷ୍ଟାଣ୍ଡ ପରିସରରୁ ଶନିବାର ଜଣେ ଦମ୍ପତିଙ୍କଠାରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ ଶିକାର ହୋଇଥିବା ଦମ୍ପତି କୋରାପୁଟ ଅଞ୍ଚଳର ସୁରେନ୍ଦ୍ର ଦାଶ ଓ ସୁମିତ୍ରା ଦାଶ। ସେମାନେ ବିଶାଖାପାଟଣା ଠାରେ ଏକ ମେଡିକାଲରୁ ଚିକିତ୍ସିତ ହୋଇ ପୁରୁଷୋତ୍ତମପୁର ଥାନା ପାଣ୍ଡିଆ ଗ୍ରାମରେ ଥିବ ଜଣେ ସମ୍ପର୍କୀୟଙ୍କ ଘରକୁ ଯିବାକୁ ଭୋରରେ ହିଞ୍ଜିଳିକାଟୁ ବସଷ୍ଟାଣ୍ଡଠାରେ ପହଞ୍ଚିଥିଲେ। ସେଠାରେ ୨ ଜଣ ଦୁର୍ବୃତ୍ତ ମହିଳାଙ୍କ ହାତରୁ ଭ୍ୟାନିଟି ବ୍ୟାଗ ଛଡାଇ ଦ୍ରୁତଗତିରେ ଚମ୍ପଟ ମାରିଥିଲେ। ଦମ୍ପତି ଏ ନେଇ ହିଞ୍ଜିଳିକାଟୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ନିକଟସ୍ଥ ଅଞ୍ଚଳରେ ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ‘ଆମେ ଜାଣିବା ଆମେ ଜିଣିବା’ କାର୍ଯ୍ୟକ୍ରମ

କ.ନୂଆଗାଁ (କାଳି ପ୍ରସାଦ ତ୍ରିପାଠୀ)

ନୂଆଗାଁ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକମାନେ ପିଲାଙ୍କ ଅଧିକାର ସହ ଅଞ୍ଚଳ ପାଇଁ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ଯୋଜନା ବିଷୟରେ ଜାଣିବା ନିମନ୍ତେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, ଡ. ଦେବାଶିଷ ତ୍ରିପାଠୀ, ଡବ୍ଲ୍ୟୁଇଓ ଗୁରୁ ମାଝୀ ପଡାରା, ଆଲୁମିନିୟମ ସଭାପତି ପଣ୍ଡିତ କୁମାର ବିଶିମାଝି, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ବିଦ୍ୟାଳୟର ସଭାପତି ଜିନତମଲିକ, ଶିକ୍ଷକ କୃଷ୍ଣ ଚନ୍ଦ୍ର ଦାସ, ନିଗମାନନ୍ଦ ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ।

### ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

କୋଦଳା,୧୬।୯(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ ପକ୍ଷରୁ ସୌରା ଛଟିନା ଅରବିନ୍ଦ ବିଦ୍ୟାଳୟ ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ୫୩୦ଜଣ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ୧,୧୬,୨୩,୪୦୦ ଟଙ୍କା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ଜିଲା ପରିଷଦ ସଭ୍ୟା ମଧୁମିତା ସାହୁ, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଅତିରିକ୍ତ ବିଡିଓ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ସ୍ତ୍ରୀଙ୍କୁ ପ୍ରଥମ ଦର୍ଶାଇ ଜମି ହଡ଼ପ

## ଅଭିଯୁକ୍ତା ଦ୍ୱିତୀୟ ସ୍ତ୍ରୀ ଗଲେ ଜେଲ

ଦିଗପହଣ୍ଡି,୧୬।୯(ଅଶେଷ ନାଥ ମିଶ୍ର)

ଦ୍ୱିତୀୟ ସ୍ତ୍ରୀଙ୍କୁ ପ୍ରଥମ ଦର୍ଶାଇ ଜମି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ନିକଟରୁ ଶନିବାର ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ମହିଳା ଜଣକ ହେଲେ ପାଟପୁର ଥାନା ଅନ୍ତର୍ଗତ ପଟିଗୁଡା ଗ୍ରାମରେ ରହୁଥିବା ବବିତା ଷଡ଼ଙ୍ଗୀ। ତାଙ୍କୁ ମାମଲା ନଂ. ୨୫୦/୨୩ ଅନୁଯାୟୀ କୋର୍ଟ ଚାଲାଣ କରାଯିବା ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ମହିଳାଙ୍କୁ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ପ୍ରକାରେ ପଟିଗୁଡା ଗ୍ରାମର ଯମୁନା ନାୟକ ସେହି ଗ୍ରାମର ଗଣପତି ନାୟକ ନାମକ ଜଣେ ରାଜସ୍ୱ ବିଭାଗୀୟ କର୍ମଚାରୀଙ୍କୁ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ପୁଅ ଏବଂ ଝିଅ ରହିଥିଲେ ମଧ୍ୟ ଗଣପତିଙ୍କ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କାଦୁଆ ରାଜସ୍ୱ ସର୍କଲକୁ ବଦଳି ହୋଇଯିବା ପରେ ସେ ବବିତାଙ୍କ ସମ୍ପର୍କରେ ଆସିଥିଲେ। କିଛି ଦିନ ପରେ ଉଭୟେ ପଟିଗୁଡା ଗ୍ରାମକୁ ଆସି ଘରେ ରହୁଥିବା ବିବାହିତା ସ୍ତ୍ରୀ ଯମୁନାଙ୍କୁ ଘରୁ ଘୋଷାରି ବାହାର କରି ଦେଇଥିଲେ। ଫଳରେ ଯମୁନା ତାଙ୍କ ବାପା ରହୁଥିବା ଦିଗପହଣ୍ଡି ବ୍ଲକ ମେଘଝୋଳି ଗ୍ରାମକୁ ଚାଲି ଆସି ବ୍ରହ୍ମପୁର ସଦର କୋର୍ଟରେ ସ୍ୱାମୀଙ୍କ ବିରୋଧରେ ଭରଣପୋଷଣ ମାମଲା କରିଥିଲେ। କୋର୍ଟ ମଧ୍ୟ ଆବେଦନ ଗ୍ରହଣ କରି ଯମୁନାଙ୍କୁ ମାସିକ ୫୦୦ ଟଙ୍କା ଲେଖାଏଁ ଦେବା ପାଇଁ ସ୍ୱାମୀ ଗଣପତିଙ୍କୁ ଆଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଯମୁନାଙ୍କ ବାପା ଯମୁନାଙ୍କୁ ପ୍ରାୟ ୩ ଏକର ଚାଷ ଜମି ପ୍ରଦାନ କରିଥିଲେ। ଯମୁନାଙ୍କ ନାମରେ ଥିବା ସେହି ଜମିକୁ ନିଜ ନାମରେ କରାଇବା ପାଇଁ ଗଣପତି ଏବଂ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଷଡଯନ୍ତ୍ର ରଚିଥିଲେ। ବବିତାଙ୍କୁ ନିଜ ସ୍ତ୍ରୀ ଯମୁନା ନାୟକ ଭାବେ ଉପସ୍ଥାପିତ କରାଇ ଗଣପତି ଦିଗପହଣ୍ଡି ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ୨୦୨୦ ସେପ୍ଟେମ୍ବର ୧୪ ରେ ଏକ ଦଲିଲ ମାଧ୍ୟମରେ ଯମୁନାଙ୍କ ନାମରେ ଥିବା ଜମିକୁ ନିଜ ନାମରେ କରାଇ ନେଇଥିଲେ। ଏହା ଜାଣିବା ପରେ ଯମୁନା ପ୍ରତିବାଦ କରିବାରୁ ତାଙ୍କୁ ଧମକ ଚମକ ଦିଆଯାଇଥିଲା। ଯମୁନା ଏ ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ବବିତାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ସ୍ୱାମୀ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ମହିଳା ଅଧିକାରୀ ଏସଆଇ ସ୍ୱର୍ଣ୍ଣଲତା ପାତ୍ର କହିଛନ୍ତି।

# ୫ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାଣ ସମ୍ମାନ



ସମ୍ମାନିତ ଶିକ୍ଷକଙ୍କ ସମେତ ଅତିଥିବୃନ୍ଦ।

ଛତ୍ରପୁର,୧୬।୯(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ରୋଟାରୀ କ୍ଲବ ପକ୍ଷରୁ ୫ ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାଣ ସମ୍ମାନରେ ସମ୍ମାନିତ କରାଯାଇଛି। ଏନେଇ କ୍ଲବ ପରିସରରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ ଓ ସମ୍ମାନିତ ଅତିଥି ଭାବେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର ଯୋଗଦେଇ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଶିକ୍ଷକମାନଙ୍କ ଭୂମିକା ଓ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ମାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ମାନିତ ଶିକ୍ଷକମାନେ ହେଲେ ସସ୍ମିତା ସାମନ୍ତରାଏ, ସୁଚିତ୍ରା ପାଣିଗ୍ରାହୀ, ସି.ଏଚ. କିରଣ କୁମାର, ସୁରେଶ ଚନ୍ଦ୍ର ସାହୁ ଓ ପଞ୍ଚାନନ ମହାଲିକ। କ୍ଲବର ସଭାପତି ନିରଞ୍ଜନ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ସୁଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ରୋଟାରିୟନ ଏମ.ଧନଞ୍ଜୟ ରେଡ୍ଡୀ ଓ ପ୍ରସନ୍ନ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସମରପ୍ରିୟା ପୋଲାଇ, ସ୍ୱାଗତିକା ସାମନ୍ତରାୟ, ଦ୍ୱାରକା ପଟ୍ଟନାୟକ, ପଦ୍ମ ଚରଣ ସାହୁ, ବିଘ୍ନେଶ୍ୱର ରଥ ପରିଚାଳନାରେ ସହଯୋଗ କରିଥିଲେ। ଡ. ବିମଳ ପ୍ରସାଦ ସାହୁ ଏହି ଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ବ୍ୟାଙ୍କ ମିତ୍ରଙ୍କ ବିକ୍ଷୋଭ

## ସିଏସ୍‌ପି ପ୍ଲସ୍‌ରେ ସାମିଲ ଦାବି

ଛତ୍ରପୁର,୧୬।୯(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲା ଏସ୍‌ବିଆଇ ବ୍ୟାଙ୍କ ମିତ୍ର ଆସୋସିଏଶନ ପକ୍ଷରୁ ଶନିବାର ଛତ୍ରପୁର ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସରକାରଙ୍କ ସିଏସ୍‌ପି ପ୍ଲସ ଯୋଜନାରେ ଏସ୍‌ବିଆଇ ସିଏସ୍‌ପିମାନଙ୍କୁ ସାମିଲ କରିବା ଦାବିରେ ଏହି ଆନ୍ଦୋଳନ ହୋଇଥିଲା। ପରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏମାନଙ୍କ କହିବାନୁଯାୟୀ ବିଭିନ୍ନ ପଞ୍ଚାୟତରେ ଏସ୍‌ବିଆଇ ଦ୍ୱାରା ଅନୁମୋଦନ ପାଇଁ ବ୍ୟାଙ୍କ ମିତ୍ର ଭାବେ କାମ କରିଆସୁଛନ୍ତି । ଦୀର୍ଘ ୧୨ ବର୍ଷ ହେଲା ନିଜର ଅର୍ଥ ଲଗାଣ କରି ଗ୍ରାମ ପଞ୍ଚାୟତମାନଙ୍କରେ ବ୍ୟାଙ୍କ ସେବାଗୁଡିକ ଟଙ୍କା ଜମା, ଟଙ୍କା ଉଠାଣ, ନୂତନ



ବିକ୍ଷୋଭରେ ସାମିଲ ହୋଇଥିବା ବ୍ୟାଙ୍କ ମିତ୍ର।

ବ୍ୟାଙ୍କ ଖାତା, ସରକାରଙ୍କ ମଧୁବାବୁ ପେନସନ, ବାର୍ଦ୍ଧକ୍ୟ ଭତ୍ତା ଓ ମିଶନ ଶକ୍ତି ଦ୍ୱାରା ଉପକୃତ ହେଉଥିବା ମା'ମାନଙ୍କର ଋଣ ଆଦି ବ୍ୟବସ୍ଥା କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେବେ ପ୍ରତି ପଞ୍ଚାୟତରେ ସିଏସ୍‌ପି ପ୍ଲସ ନୂତନ ଭାବେ ଖୋଲାଯାଇ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏଣୁ ସିଏସପି ପ୍ଲସରେ ଏମାନଙ୍କୁ ସାମିଲ କରିବା ଲାଗି ଅନୁରୋଧ କରାଯାଇଛି ।

## ଶିକ୍ଷକଙ୍କ ଧାରଣାକୁ ସମର୍ଥନ ଜଣାଇଲେ ବିଧାୟକ

ପାରଳାଖେମୁଣ୍ଡି,୧୬।୯ (ଗିରିଧାରୀ ପରିଛା):

ଓଡିଶା ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସର ଆହ୍ୱାନ କ୍ରମେ ଗଜପତି ଜିଲ୍ଲା ପ୍ରାଥମିକ ଶିକ୍ଷକ ଫେଡେରେସନ ଶାଖାର ସମସ୍ତ କର୍ମକର୍ତ୍ତା ସାମୂହିକ ଛୁଟିରେ ରହି ଧାରଣା ଦେଇଛନ୍ତି। ସେମାନଙ୍କ ଦାବି ସମୂହକୁ ସମର୍ଥନ ଜଣାଇ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଶନିବାର ଧାରଣାସ୍ଥଳକୁ ଯାଇ ଆଲୋଚନା କରିଥିଲେ। ପରେ ଉକ୍ତ ଦାବି ସମୂହକୁ ବିଧାନସଭାରେ ଉପସ୍ଥାପନ କରି ରାଜ୍ୟ ସକରକାରଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆନ୍ଦୋଳନରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଆବାହକ ଏମ.ରବି କୁମାର, ଓପିଟିଏର ଜିଲା ସମ୍ପାଦକ ମନୋଜ କୁମାର ଗନ୍ତାୟତ, ଗୋଷାଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଏମ.ଉମାପତି, ସମ୍ପାଦକ ପି.ଭେଙ୍କଟେଶ୍ୱରଲୁ, ଓଜେଟିଏର ଜିଲା ସଭାପତି ପି.ଶ୍ରବଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# ଦାବି ପରେ ଫାର୍ମାସିଷ୍ଟଙ୍କୁ ଫେରାଇଲେ

ଦାରିଙ୍ଗବାଡ଼ି,୧୬।୯(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସିମନବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଫାର୍ମାସିଷ୍ଟଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶ ପରେ ପୁଣି ଫେରେଇ ଅଣାଯାଇଛି। ସିମନବାଡି ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଫାର୍ମାସିଷ୍ଟ ସୁଶାନ୍ତ କୁମାର ସାହୁଙ୍କ ନାମରେ କେହି ମିଥ୍ୟା ଅଭିଯୋଗ କରିଥିବାରୁ ତାଙ୍କୁ ରାଇକିଆ ବ୍ଲକ ସୁଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଗଷ୍ଟ ୪ରେ ଡେପୁଟେଶନରେ ପଠାଯାଇଥିଲା। ସୁଗବାଡ଼ିରେ ଥିବା ଫାର୍ମାସିଷ୍ଟ ଅକ୍ଷୟ ମଲିକଙ୍କୁ ସିମନବାଡି ଡେପୁଟେଶନ କରାଯାଇଥିଲା। ହେଲେ ସେ ମାତ୍ର ଦୁଇଦିନ କାର୍ଯ୍ୟ କରି ଅସୁସ୍ଥତା କାରଣରୁ ଛୁଟିରେ ଚାଲିଯାଇଥିଲେ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ବଣ୍ଟନ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟତିକ୍ରମ ଦେଖାଯାଇଥିଲା। ସେହିପରି ସୁଶାନ୍ତ ଦୀର୍ଘ ଦିନ ହେଲା ସିମନବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ସେବା ଦେଇଥିବାରୁ ତାଙ୍କୁ ତୁରନ୍ତ ଫେରେଇବାକୁ ଦାବି ହୋଇଥିଲା। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ କନ୍ଧମାଳ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ମନୋଜ ଉପାଧ୍ୟାୟ ଫାର୍ମାସିଷ୍ଟଙ୍କ ଡେପୁଟେସନ ଅର୍ଡରକୁ ବାତିଲ କରି ସିମନବାଡି ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଗ୍ରାମର ଶ୍ୟାମାସନ ଦିଗାଲ, ଧନେଶ୍ୱର ବାଡତୀୟା, ସରପଞ୍ଚ ଅମିତା ପ୍ରଧାନ, ସମିତିସଭ୍ୟ ସାଧୁ ନାୟକ, କିରିକୁଟି ସରପଞ୍ଚ ଅଶୋକ ପ୍ରଧାନ, କେ. ମନବୋଧ ନାୟକ, କେଦାରନାଥ ସାହୁ, ପରମେ ପ୍ରଧାନ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# କଇଁଛ ସୁରକ୍ଷା ପାଇଁ ବେଳାଭୂମି ସଫେଇ



ସଫେଇ କାର୍ଯ୍ୟରେ ନିୟୋଜିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଗଞ୍ଜାମ,୧୬।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ସ୍ଥିତ ଐତିହାସିକ ବଟେଶ୍ୱର ମନ୍ଦିର ନିକଟରେ ଥିବା ବଟେଶ୍ୱର ବେଳାଭୂମି ବିରଳ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ନିମନ୍ତେ ସମୁଦ୍ରତଟ ସୁରକ୍ଷା ବାହିନୀ (ଇଣ୍ଡିଆନ୍ କୋଷ୍ଟ ଗାର୍ଡ) ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଶନିବାର ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋପାଳପୁର ଆର୍ମି ଏଡି କଲେଜ କମାଣ୍ଡାଣ୍ଟ ପ୍ରତୀକ ମୋଡ଼କ, ଲ୍ୟୁଟ୍‌ନାଣ୍ଟ ଜେନେରାଲ ୟୁ ଭି ତାଲୁର, ଆସିଷ୍ଟାଣ୍ଟ କମାଣ୍ଡର ଡି. କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଗୋପାଳପୁର କଲେଜ, ପୋର୍ଟ କର୍ମଚାରୀ, ଗଞ୍ଜାମ ଏନ୍‌ଏସି କର୍ମଚାରୀ, ଲବଣ ଶ୍ରମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରମୁଖ ସଫେଇରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରାୟ ୭ କିଲୋମିଟର ସମୁଦ୍ର ବେଳାଭୂମିରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଜରି ଓ ପଲିଥିନ ଆଦି ସଫେଇ କରାଯାଇଛି। ନ୍ୟାଶନାଲ କୋଷ୍ଟାଲ କ୍ଲିନିକ ଦିବସ ଅବସରରେ ଏହି ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କଳାକାରମାନଙ୍କ ସାମର୍ଥ୍ୟ ଶିବିର

ପାତ୍ରପୁର, ୧୬।୯(ଉମାଚରଣ ନେପାକ)

ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ଶନିବାର କଳାକାରମାନଙ୍କ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଲୋକକଳା କଳାକାରମାନେ ଆବେଦନ କରିଥିଲେ। ପୂର୍ବରୁ ପାତ୍ରପୁର ବ୍ଲକ କଳା ସଂସ୍କୃତି ସଂଘର କେବଳ ୧୨ ଦଳର କଳାକାର ସରକାରୀ ସଚେତନ କାର୍ଯ୍ୟକ୍ରମ କରୁଥିବା ବେଳେ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଜିଲା କଳା ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ନୂତନ କଳାକାରମାନଙ୍କ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ସୁମନ ସୁଦ୍ଧା କୁଣ୍ଡୁ, ବିଏସ୍‌ଏସ୍‌ଓ ସ୍ନେହାଶିଷ ପଟ୍ଟନାୟକ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମାଧବ ବାଡ଼ତ୍ୟା, ପାଲା ନାଟ୍ୟଗୁରୁ ଯୋଗେନ୍ଦ୍ର ପ୍ରଧାନ ଓ ଗୋଡ଼ାନାଚ ଗୁରୁ ଉଜ୍ଜ୍ୱଳ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ଶଙ୍ଖ ମହୁରି, ପ୍ରହଲ୍ଲାଦ ନାଟକ, ପାଲା, କୃଷ୍ଣ ଲୀଳା ଭଳି ୨୫ ଲୋକକଳା କଳାକାରମାନେ ନିଜ ନିଜର ଦକ୍ଷତା ପ୍ରତିପାଦନ କରି ଚୟନ ହୋଇଥିଲେ। ଶେଷରେ ମାଧବ ବାଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୬ରେ ବାଲିଯାତ୍ରା, ଶେଷ ପର୍ଯ୍ୟାୟରେ ତୋରଣ ନିର୍ମାଣ


ବାଲିଯାତ୍ରା ପାଇଁ ନିର୍ମାଣ ଚାଲିଥିବା ତୋରଣ।

ସୋରଡା,୧୬।୯(ଲମ୍ବୋଦର ପାଣିଗ୍ରାହୀ):

ଗଞ୍ଜାମ ପ୍ରସିଦ୍ଧ ମା’ କନ୍ଧୁଣିଦେବୀଙ୍କ କଣ୍ଟାପିଡା ଯାତ୍ରା ପାଇଁ ବଡଦାଣ୍ଡ, ଆଡପମଣ୍ଡପ, ଗଣିଛକରେ ସୁଉଚ୍ଚ ତୋରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ମାସ ୨୬ ତାରିଖରେ ପ୍ରସିଦ୍ଧ ବାଲିଯାତ୍ରା ଯାତ୍ରା ଅନୁଷ୍ଠିତ ହେବ। ସେହିଦିନ ଠାରୁ ପ୍ରତି ସାହିରୁ ଯୋଗାଡ ଶୋଭାଯାତ୍ରା ନଗର ପରିକ୍ରମା ସହ ମା’ଙ୍କ ମନ୍ଦିରରେ ପହଞ୍ଚିବ। ଅକ୍ଟୋବର ୨ ରୁ ୫ ତାରିଖ ମହୋତ୍ସବ ଓ ୬ ତାରିଖରେ କଣ୍ଟାପିଡା ଯାତ୍ରା ସମେତ ରାତ୍ରରେ ଅପେରା କାର୍ଯ୍ୟକ୍ରମ ରହିଛି। କନ୍ଧୁଣି ଦେବୀ ଯୁବକ ସଂଘ ତରଫରୁ ମାଗଣା ପ୍ରସାଦ ବଣ୍ଟନ ପାଇଁ ପ୍ରସ୍ତୁତି ଚାଲିଛି। ସଭାପତି ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀ, ସମ୍ପାଦକ ଦୁର୍ଗାଚରଣ ଶତପଥି, ଉପସଭାପତି କୈଳାଶ ପଣ୍ଡା, ଆଇଆଇସି ଅନିଲ କୁମାର ପରିଡା ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ସାମୂହିକ ସହଯୋଗ କାମନା କରିଛନ୍ତି।

# ଛାତ୍ରୀମାନଙ୍କ କ୍ରୀଡ଼ା ପ୍ରତିଯୋଗିତା

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା), ୧୬।୯

ଜିଲା ପ୍ରଶାସନ ତରଫରୁ ଜିଲାର ସମସ୍ତ ପଞ୍ଚାୟତ ସମିତିର ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ମନୋନୀତ ହୋଇଥିବା କେବଳ ଛାତ୍ରୀ ପ୍ରତିଯୋଗୀମାନଙ୍କୁ ନେଇ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାରଳାଖେମୁଣ୍ଡିର ଗଜପତି ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀ ତଥା ପିଇଟି ଶିକ୍ଷକମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମଟି ବେଟି ବଚାଓ ବେଟି ପଢାଓ ଯୋଜନା ଅନ୍ତର୍ଗତ ହୋଇଥିବାବେଳେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଝିଅ ଜନ୍ମ ହେବାଠାରୁ ଆରମ୍ଭକରି ବଡ଼ ହେଲା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଦେବା। ଏହି ପ୍ରତିଯୋଗିତାରେ ଜିଲାର ୭ ବ୍ଲକରୁ ୧୧୧ ପ୍ରତିଯୋଗୀ ଭାଗ ନେଇଥିଲାବେଳେ ସେମାନେ ୪ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷ ପରେ ପୁରସ୍କାର ବିତରଣ ଉତ୍ସବରେ ମିଞ୍ଜ, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଆଲୋକ ପ୍ରଧାନ, ଅନ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା ମଙ୍ଗରାଜ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ପାରାଖେମୁଣ୍ଡି,୧୬।୯ (ଗିରିଧାରୀ ପରିଛା):

ସ୍ଥାନୀୟ ମହେନ୍ଦ୍ର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ରାଜ୍ୟ ଶିକ୍ଷା ପ୍ରଶିକ୍ଷଣ ପରିଷଦ ଆନୁକୂଲ୍ୟରେ ଓ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାଇକଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ବିଜ୍ଞାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ନିରୀକ୍ଷକ ଏ ରବି କୁମାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପୂର୍ବତନ ଜିଲା ବିଜ୍ଞାନ ନିରୀକ୍ଷକ ତଥା ଯାଜପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାମ୍ରୀକ କୁମାର ପଟ୍ଟନାୟକ ଏହି ଆଲୋଚନା ଚକ୍ରର ମୁଖ୍ୟ ବିଷୟ ବସ୍ତୁ ‘ମିଲେଟ ଏକ ଉତ୍କୃଷ୍ଟ ପୌଷ୍ଟିକ ଖାଦ୍ୟ’ ଉପରେ ଆଲୋକପାତ କରିଥିଲେ। ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ରସାୟନ ବିଜ୍ଞାନ ଅଧ୍ୟାପିକା ରାଜଲକ୍ଷ୍ମୀ ବିଚାରକ ରୂପେ ଯୋଗଦେଇ କଙ୍ଗୁ, ମାଣ୍ଡିଆ, ସୁଆ ଜଅ ଭଳି ସୁଲଭ ଓ ଶସ୍ତା ମିଲେଟ ଖାଇବା ଦ୍ୱାରା ପୁଷ୍ଟିସାର, ଖଣିଜ ଲବଣ, ଶ୍ୱେତ ସାର, ଆଇରନ ଓ ଭିଟାମିନ ଭଳି ପୁଷ୍ଟିକର ଖାଦ୍ୟ ମିଳେ। ତେଣୁ ସର୍ବଭାରତୀୟସ୍ତରରେ ମିଲେଟ ଜାତୀୟ ଖାଦ୍ୟକୁ ଗୁରୁତ୍ୱ ଦିଆଯାଇ ୨୦୨୩ ମସିହାକୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ରୂପେ ପାଳିତ ହେଉଛି ବୋଲି କହିଥିଲେ।

# ସାହିତ୍ୟ ସୃଜନୀ ଶିବିର ଉଦ୍‌ଯାପିତ

ଆର.ଉଦୟଗିରି,୧୬।୯(ମନୋଜ କୁମାର ପାଢ଼ୀ)

ଆର.ଉଦୟଗିରି ବ୍ଲକ ଛେଳିଗଡ଼ ଗ୍ରାମପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆର.ଉଦୟଗିରି ଓ ମୋହନା ବ୍ଲକର ୫ଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ସାହିତ୍ୟ ସୃଜନୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୧୩ ଓ ୧୪ ତାରିଖ ଦୁଇଦିନ ଧରି ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି ନିମନ୍ତେ ଏହି ଶିବିର କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆର. ଉଦୟଗିରି ବ୍ଲକ ସହକାରୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା, ଛେଳିଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭେଙ୍କେଟ ରମଣ ବୁଧବାର ଶୁଭ ଉଦ୍‌ଘାଟନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କରିଥିଲେ। ସମ୍ବଳ ଶିକ୍ଷକ ଶିବରାମ କାର୍ଜି ଓ ଆଶିଷ କୁମାର ରାଇକାଙ୍କ ପରିଚାଳନାରେ ଶିକ୍ଷକ ସଞ୍ଜୀବ କୁମାର ଦାସ ସହଯୋଗ କରିଥିଲେ। ଟିକାମାଳ ଉଚ୍ଚ ବିଦ୍ୟାଳୟ ପଣ୍ଡିତ ଅଭୟ କୁମାର ଦାସ ନବାକ୍ଷରୀ ଛନ୍ଦରେ ବିବରଣୀ ପାଠ କରିଥିଲେ। ଗତକାଲିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆର.ଉଦୟଗିରି ବ୍ଲକ ଶିକ୍ଷାଧିକାରୀ ବୀରେନ୍ଦ୍ର ମଣ୍ଡଳ, ସହକାରୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା ଏବଂ ଛେଳିଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭେଙ୍କଟ ରମଣ ଉପସ୍ଥିତ ଥିଲେ।

